# ପିଲାଙ୍କ ଧରିତ୍ରୀ



ଶନିବାର, ୧୬ ଏପ୍ରିଲ, ୨୦୨୨




୨ ଜଣା ଅଜଣା

୬ କହିଲ ଦେଖି

୩

୮ ଆଇନା

# ହଳଦୀବସନ୍ତ ଓ ସିକୁଲ୍

**ଗପ**

ବସନ୍ତ ଋତୁ ଆସିଛି। କଅଁଳପତ୍ର ଓ ସୁନ୍ଦର ଫୁଲରେ ଲଦି ହେଇଯାଇଛି ଗଛଗୁଡ଼ିକ। ନାନାଜାତିର ପକ୍ଷୀରେ ଭରିଯାଇଛି ଗାଁ ପରିବେଶ। ବସନ୍ତ ଋତୁରେ ତ ନାନାଜାତି ପକ୍ଷୀ ଅଣ୍ଡା ଦେଇଥାନ୍ତି। ସିକୁଲ ଗାଁ ପୋଖରୀ ପାର ହୋଇ ଚାଲୁଚାଲୁ ତୋଟା ଆରପଟେ ବୁଦୁବୁଦିକିଆ ବଣ ଆଡ଼େ ଚାଲି ଯାଇଥାଏ। ବୁଲିବୁଲି ପ୍ରାକୃତିକ ପରିବେଶ, ଗଛ ପତ୍ର, ସୁନ୍ଦର ସୁନ୍ଦର ପକ୍ଷୀମାନଙ୍କୁ ଦେଖି ଖୁସି ହେଉଥାଏ।



ଏହି ସମୟର ଘଟଣାଟିଏ। ସେ ବଣରେ ଅନ୍ୟ ଚଢ଼େଇଙ୍କ ସହ ହଳଦୀବସନ୍ତ ବି ସାହାଡ଼ାଗଛ ଡାଳରେ ବସା କରି ଅଣ୍ଡା ଦେଇଥାଏ। କିଛିଦିନ ପରେ ଦୁଇଟା ଗୁଲୁଗୁଲିଆ ଛୁଆ ମଧ୍ୟ ଫୁଟେଇଥାଏ। ପିଲା ଦୁଇଟିକୁ ପାଇ ମା' ହଳଦୀବସନ୍ତ ଖୁସିରେ ଫାଟି ପଡୁଥାଏ। ହେଲେ ତା'ର ଦୁଃଖ ତା' ସାଥିରେ ରହୁଥିବା ଅଣ୍ଡିରା ହଳଦୀବସନ୍ତଟା କୁଆଡେ ଚାଲିଯାଇଛି ଆଉ ଫେରୁନି। ଏକା ଏକା ଛୁଆ ଦୁଇଟାକୁ ପାଳିବା ଭାରି କଷ୍ଟ ହେଉଛି। ନା ବସାରେ ରହି ପିଲାଙ୍କୁ ଜଗିପାରୁଛି, ନା ଆଧାର ଖୋଜିଆଣି ଛୁଆଙ୍କ ପେଟ ପୂରେଇ ପାରୁଛି ! ତଥାପି ସେ ଛୁଆଙ୍କୁ ବସାରେ ଛାଡ଼ିଦେଇ ଖାଦ୍ୟ ଖୋଜିଯାଏ। ହେଲେ ଖାଦ୍ୟ କ'ଣ ମିଳିବା ଏତେ ସହଜ ? ସବୁପକ୍ଷୀ ତ ଏକାବେଳେ ଏ ବସନ୍ତ ଋତୁରେ ଛୁଆ ଫୁଟେଇ ଆଧାର ଖୋଜନ୍ତି ନା। ଏଣୁ ହଳଦୀବସନ୍ତ ଛୁଆଙ୍କୁ ବସାରେ ଛାଡ଼ି ଖାଦ୍ୟ ଅଣ୍ଡାଳି ଯାଏ। ମନ ତା'ର ବସାରେ ଥାଏ। ଅଣ୍ଡିରା ହଳଦୀବସନ୍ତଟା ଥାନ୍ତା ସିନା ...।

ସେଦିନ ହଳଦୀବସନ୍ତ ଦେଖିଲା, ଅନ୍ୟ ଗଛରୁ ସିନା ଫଳ, କୋଳି ସରିଯାଇଛି ହେଲେ ଏ ଶଗଡ଼ବାଟୁଆ କୋଳି ଗଛରେ ତ ବହୁତ କୋଳି ପାଚିଛି। କେହି ପକ୍ଷୀ ଦେଖି ନାହାନ୍ତି ନା କ'ଣ ? ଏହାକୁ ନେଉନାହାନ୍ତି କାହିଁକି? ଏମିତି ଭାବି ଭାବି ହଳଦୀବସନ୍ତ ଶଗଡ଼ବାଟୁଆ କୋଳି ଗଛରେ ବସି ଚାରି ପାଞ୍ଚଟା କୋଳି ପିଲାଙ୍କ ପାଇଁ ଧରିଛି କି ନାହିଁ, ଡାଳୁଆ ସାପଟା ଗଛଡ଼ାଳରେ ଥାଇ ମା' ହଳଦୀବସନ୍ତର ଲାଞ୍ଜକୁ କାମୁଡି ଧରିଲା। ଅଚାନକ ବିପଦରେ ପଡ଼ି ହଳଦୀବସନ୍ତ ଫଡ଼ଫଡ଼ ହେଉଥାଏ। ଚିଁ ଚିଁ ଶବ୍ଦ କରି ଡାଳୁଆ ସାପ କବଳରୁ ଖସିବାକୁ ଚେଷ୍ଟା କରୁଥାଏ। ସିକୁଲ ସେଇ ପାଖରେ ଥାଏ। ଫଡ଼ଫଡ଼ ଶବ୍ଦ ଶୁଣି ଚାହିଁ ଦେଖିଲା ହଳଦୀବସନ୍ତଟା ଛଟିପିଟି ହେଉଛି। ସିକୁଲର ହଳଦୀବସନ୍ତ ଭାରି ପ୍ରିୟ। ଦୌଡ଼ିଗଲା ସିକୁଲ୍ ହଳଦୀବସନ୍ତ ନିକଟକୁ।

ବିହ୍ୱଳରେ ନଇଁପଡ଼ି ହଳଦୀବସନ୍ତକୁ ତଳୁ ଉଠାଉଥାଏ। ସେପର୍ଯ୍ୟନ୍ତ ସେ ସାପଟାକୁ ଦେଖି ନ ଥିଲା। ସାପ ଅଚାନକ ହଳଦୀବସନ୍ତକୁ ଛାଡ଼ିଦେଇ ସିକୁଲର ହାତକୁ କାମୁଡି ଦେଲା। ସିକୁଲ ଚମକି ପଡ଼ିଲା, ହଳଦୀବସନ୍ତ ଉଡ଼ିଗଲା। ଦୌଡ଼ି ଦୌଡ଼ି ସିକୁଲ ହାତକୁ ମୁଠେଇ ଧରି ଘରକୁ ଧାଉଁଥାଏ। ହାତଟା ଜଳିପୋଡ଼ି ଯାଉଛି। ଯନ୍ତ୍ରଣାରେ ସିକୁଲ ଚିତ୍କାର କରୁଥାଏ। ତାକୁ ଦେଖି ବାପା, ମା', କକା ଦୌଡ଼ି ଆସିଲେ, କ'ଣ ହେଲା ପଚାରିବାରୁ ସିକୁଲ୍ କହିଲା, 'ସାପ କାମୁଡ଼ି ଦେଲା'। ଜେଜେବାପା ପହଞ୍ଚି ଯାଇ କହିଲେ,'ଆରେ ଦେଖୁଛ କ'ଣ, ହାତ ଉପରକୁ ଧରି ବାନ୍ଧିଦିଅ। ସଙ୍ଗେ ସଙ୍ଗେ ଡାକ୍ତରଙ୍କ ପାଖକୁ ନେଇଯାଅ। ଭାଗ୍ୟକୁ ପରୀକ୍ଷା କରି ଔଷଧ, ଇଞ୍ଜେକଶନ୍ ନେବାରୁ ସିକୁଲ୍ ସୁସ୍ଥ ହେଇଗଲା। ଘରକୁ ଫେରିଲା ଓ ସବୁକଥା କହିଲା।

ଘରେ ବାବା ସମସ୍ତଙ୍କ ଆଗରେ ସିକୁଲକୁ ପ୍ରଶଂସା କରି କହିଲେ,' ସିକୁଲ୍ ଭଲ କାମଟିଏ କଲୁ, ତୋ ପାଇଁ ହଳଦୀବସନ୍ତ ବଞ୍ଚିଗଲା। ସବୁ ଜୀବଜନ୍ତୁଙ୍କୁ ଦୟା ଦେଖାଇବା ଉଚିତ। ହେଲେ ଟିକେ ସତର୍କ ରହିବା କଥା ନା। ବୁଝି ବିଚାରି କାମ କଲେ, ପ୍ରମାଦ ନ ପଡ଼ନ୍ତ ଭଲେ।'

**– ଶିବ ପ୍ରସାଦ ରାଉତ**
ବଚ୍ଛଦା, ଜଗନ୍ନାଥପୁର,ଭଦ୍ରକ
ମୋ : ୮୧୪୪୨୨୮୧୧୫

## ଖିଲି ଖିଲି ହସ

**(ଟିଟୁକୁ ଶିକ୍ଷକଙ୍କ ପ୍ରଶ୍ନ...)**

**ଶିକ୍ଷକ:** ଟିଟୁ, କହିଲୁ! ଆକବର କେବେରୁ କେବେ ଶାସନ କରିଥିଲେ।
**ଟିଟୁ(ବହୁତ ଭାବିବା ପରେ):** ସାର୍! ପେଜ୍ ନମ୍ବର ୧୪ରୁ ଆରମ୍ଭ କରି ପେଜ୍ ନମ୍ବର ୨୨ ପର୍ଯ୍ୟନ୍ତ।

**(ଶିକ୍ଷକ ମୁନାର ଜ୍ଞାନ ପରୀକ୍ଷା କରିବା ସମୟରେ...)**

**ଶିକ୍ଷକ:** ମୁନା, ମନେକର ତୁମର ଗୋଟେ ପକେଟ୍‌ରେ ୨୦୦୦ ଟଙ୍କା ଆଉ, ଅନ୍ୟ ଗୋଟେ ପକେଟ୍‌ରେ ୨୦୦୦ ଟଙ୍କା ଅଛି। ତାହାହେଲେ ତୁମେ କ'ଣ ଭାବିବ ?
**ମୁନା:** ମୋତେ ଲାଗିବ, ମୁଁ ଭୁଲ୍‌ରେ ଆଉ ମୋ ବାପାଙ୍କ ପ୍ୟାଣ୍ଟ ପିନ୍ଧିକି ଆସିନି ତ ?

**(ପୁଅ ସୋସିଆଲ୍ ମିଡିଆରେ ବ୍ୟସ୍ତ ଥିବା ସମୟରେ...)**

**ବାପା:** ଆରେ ପରୀକ୍ଷା ସମୟରେ ପାଠ ନ ପଢ଼ି, ତୁ ହ୍ୱାଟ୍ସଆପ୍ ଆଉ ଫେସ୍‌ବୁକ୍ କ'ଣ ଚଲଉଛୁ ?
**ପୁଅ:** ବାପା! ଆଜିକାଲି ତ ସବୁ ଭାଇରାଲ ହେଉଛି। କାଳେ ପରୀକ୍ଷା ପୂର୍ବରୁ ଆମ ପ୍ରଶ୍ନପତ୍ରଗୁଡ଼ିକ ଭାଇରାଲ ହୋଇ ଯାଇଥିବ, ସେଥିପାଇଁ ଟିକେ ଚେକ୍ କରି ଦେଉଛି।

## ରାସ୍ତା ଖୋଜ



## ମତାମତ

❖ 'ଆସ ଜାଣିବା' ସ୍ତମ୍ଭରେ ବାହାରି ଥିବା ସାଇନ୍ସ ମ୍ୟୁଜିୟମ୍ ପାଠଟି ନୂଆ ଲାଗିଲା।
**–ବୈଶାଳୀ ମଙ୍ଗରାଜ, କେନ୍ଦ୍ରା, କଟକ**

❖ 'ତୁମ ତୂଳୀରୁ' ସ୍ତମ୍ଭରେ ପଣା ସଂକ୍ରାନ୍ତି ବିଷୟକୁ ନେଇ ପ୍ରକାଶିତ ଚିତ୍ରଗୁଡ଼ିକ ବେଶ୍ ଆକର୍ଷଣୀୟ ହୋଇଥିଲା।
**–ମାନସ ରଞ୍ଜନ ପ୍ରହରାଜ, ରେଙ୍ଗାଲି, ସମ୍ବଲପୁର**

❖ 'ଆମେ ବି କମ୍ ନୁହଁ'ରେ ପ୍ରକାଶିତ ସୃଷ୍ଟିଙ୍କ ବିଷୟରେ ପଢ଼ି ଆଶ୍ଚର୍ଯ୍ୟ ଲାଗିଲା।
**–ବୈଭବ ସେନାପତି, ଭବାନୀପାଟଣା, କଳାହାଣ୍ଡି**

❖ 'ଅଲଗା କେଉଁଟି' ସ୍ତମ୍ଭଟିରୁ ଅଲଗା ଥିବା ଚିତ୍ରଟି ବାହାର କରିବାକୁ ମଜା ଲାଗୁଛି।
**–ପ୍ରିୟଙ୍କା ମହାନ୍ତି, ତାଳଚେର, ଅନୁଗୋଳ**

❖ ଏଥରର 'କବିତା'ରେ ପ୍ରକାଶିତ 'ପଣା ସଂକ୍ରାନ୍ତି' କବିତାଟି ଛୋଟ ଥିଲା ଆଉ ପଢ଼ିବାକୁ ଭଲ ଲାଗିଲା।
**–ପ୍ରୀତମ୍ ଆଚାର୍ଯ୍ୟ, ଗୁଣୁପୁର, ରାୟଗଡ଼ା**

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟି(ହାଇ ରିଜଲ୍ୟୁସନ୍ ଥିବା)ର ୩ ଫଟୋ ସହ ପୁରା ନାମ, ବୟସ, ଠିକଣା ; ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

## ଚଗଲା ଭୀମୁ



# ଖରା ଆଉ ପିଲାଙ୍କ ସ୍ୱାସ୍ଥ୍ୟ

ଏପ୍ରିଲ ମାସ ଅଧାରୁ ଖରା ହୋଇପଡ଼ିଲାଣି ଅସହ୍ୟ। ତାତି ଆହୁରି ବଢ଼ିବ ବୋଲି ପାଣିପାଗ ବିଭାଗ ସତର୍କବାଣୀ ଶୁଣେଇ ସାରିଲାଣି। ଏମିତିରେ ପିଲାମାନେ ସୁସ୍ଥ ରହିବା ଲାଗି ବିଭିନ୍ନ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା ହିଁ ଏକମାତ୍ର ଉପାୟ...



ଡା. ନିତ୍ୟାନନ୍ଦ ସ୍ୱାଇଁ

ଖରାଦିନେ ଦେହରୁ ଖୁବ୍ ଝାଳ ବହେ। ଝାଳ ବାଟେ ମଧ୍ୟ ବାହାରିଯାଏ ଜଳ ଓ ନାନା ଖଣିଜ ଲବଣ। ଦେହରୁ ଏସବୁର ପରିମାଣ କମିଯିବାରୁ ହାତ, ଜଙ୍ଘ ଓ ଗୋଡ଼ର ମାଂସପେଶୀରେ ଯନ୍ତ୍ରଣା ଅନୁଭୂତ ହୁଏ। ବାହାରର ତାପମାତ୍ରା ଅଧିକ ହୋଇଗଲେ କେତେକଙ୍କ କ୍ଷେତ୍ରରେ ଶରୀରର ପ୍ରାକୃତିକ ତାପ ନିୟନ୍ତ୍ରଣ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼େ। ଫଳରେ ଦେହ ଝୋଲା ମାରିଯାଏ। ମୁଣ୍ଡ ବୁଲାଏ। ଖୁବ୍ ଶୋଷ କରେ। ଅଇ ଉଠେ। ବାନ୍ତି ହୁଏ। ଜ୍ୱର ଆସେ। ଦେହର ତାପମାତ୍ରା ହଠାତ୍ ବଢ଼ିଗଲେ ଦେହରେ ତାପ ଅଟକିଯାଏ। ବାନ୍ତି ହେବା ସଙ୍ଗେ ସଙ୍ଗେ ଜାଲୁଜାଲୁଆ ଦେଖାଯାଏ। ଚର୍ମ ହୋଇପଡ଼େ ଶୁଖିଲା ଓ ଲାଲ୍। ବାତ ମାରିପାରେ। ରୋଗୀ ଅଚେତ ହୋଇଯାଇପାରେ। କେହି କେହି ହଠାତ୍ ମୃତ୍ୟୁମୁଖରେ ପଡ଼ିଥାନ୍ତି। ଏହି ଅବସ୍ଥାକୁ କୁହାଯାଏ ଅଂଶୁଘାତ। ତେବେ ଅଧିକ ତାପମାତ୍ରାଜନିତ ଅସୁସ୍ଥତାକୁ ବଡ଼ମାନେ ସହଜରେ ସମ୍ଭାଳି ନେଇ ପାରନ୍ତି ସିନା, ଏହାକୁ ସମ୍ଭାଳି ନେବା ଶିଶୁ ଓ ପିଲାମାନଙ୍କ ପାଇଁ ଆଦୌ ସହଜ ହୋଇ ନ ଥାଏ। ଖରାଦିନେ ପିଲାମାନେ ସୁରକ୍ଷିତ ରହିବା ପାଇଁ ଅଧିକ ଜଳ ପିଇବା ଆବଶ୍ୟକ। ଦହି, ତୋରାଣି, ପଇଡ଼ ପାଣି ଓ ଲେମ୍ବୁ-ଲୁଣ, ଚିନିର ସରବତ ପିଇବା ବି ଉପକାରୀ। ପିଲାମାନେ ବାହାରକୁ ଯାଉଥିଲେ ସାଙ୍ଗରେ ବିଶୁଦ୍ଧ ଜଳ ନେଇଯିବା ଆବଶ୍ୟକ। ଏଦିନେ ଧଳା କିମ୍ବା ଫିକା ରଙ୍ଗର ଢିଲା ସୂତା ପୋଷାକ ପିନ୍ଧିବା ଦରକାର। ସେହିପରି ଖରା ବେଳେ ବାହାରକୁ ଗଲେ ଛତା ଧରି ଯିବ । ଛାଇ ଜାଗା ଦେଖି ବାରମ୍ବାର ବିଶ୍ରାମ ନେବା ବି ଜରୁରୀ। ତେବେ ଖରାସମୟରେ ବାହାରେ ଦୌଡ଼ିବା, ସାଇକେଲ ଚଲାଇବା ଓ ବ୍ୟାୟାମ କରିବା ଆଦି ସ୍ୱାସ୍ଥ୍ୟକର ନୁହେଁ।

ଖରାଦିନେ ନଈ, ପୋଖରୀ, କୂଅ ଓ ଚୁଆରୁ ଜଳ ଶୁଖିଯିବାରୁ ସେପରି ଜଳ ଜୀବାଣୁ, ଭୂତାଣୁ ଓ କୃମିମାନଙ୍କ ଅଣ୍ଡା ଦ୍ୱାରା ଦୂଷିତ ହୋଇପଡିବାର ଆଶଙ୍କା ବେଶି। ସେହି ଜଳ ବ୍ୟବହାର କରିବା ପାଇଁ ଅନେକ ବାଧ ହେଉଥିବାରୁ ଜଳ ଓ ଖାଦ୍ୟବାହିତ ରୋଗ ଯେପରିକି କଲେରା, ଟାଇଫଏଡ୍, ପାରାଟାଇଫଏଡ୍, ଡାଇରିଆ, ଜଣ୍ଡିସ୍, ଆମାଶୟ ବା ଡିସେଣ୍ଟ୍ରି ଇତ୍ୟାଦି ରୋଗ ହେବାର ଆଶଙ୍କା ଅଧିକ। ଏହାଛଡା ଖରାଦିନେ ମୁଖ୍ୟତଃ ପିଲାମାନଙ୍କୁ ହୋଇଥାଏ ହାଡଫୁଟି, ମିଳିମିଳା, ଗାଲୁଆ ବା ମମ୍ପସ, ଆଖିଧରା ଓ ଇନ୍‌ଫ୍ଲୁଏଞ୍ଜା। ଏ ସବୁ ଭୂତାଣୁଜନିତ ଡିଆଁ ରୋଗ। ଖରାଦିନେ ତାପ ଓ ଆର୍ଦ୍ରତା ମଧ୍ୟ ପ୍ରୋତ୍ସାହନ ଦେଇଥାଏ ଅଜଣା ରୋଗକୁ। ଖରାକୁ ନ ବାହାରି ଶୀତଳ ପରିବେଶରେ ରହିଲେ ଆଜମାରେ ଆକ୍ରାନ୍ତ ହେବାର ଆଶଙ୍କା ହ୍ରାସପାଏ। ଏଥିପାଇଁ ପିଲାମାନଙ୍କ ସହ ଅଭିଭାବକଙ୍କୁ ଏଦିଗରେ ବିଶେଷ ଭାବେ ସଚେତନ ହେବା ଆବଶ୍ୟକ।

ଖରାଦିନେ ରନ୍ଧାଖାଦ୍ୟ ଚଞ୍ଚଳ ବାସି ହୋଇଯାଏ। ଜୀବାଣୁ ସଂକ୍ରମଣ ଯୋଗୁ ବାସିଖାଦ୍ୟ ଖଟାଲାଗେ ଓ ଗନ୍ଧ ଛାଡ଼େ। ରେଫ୍ରିଜରେଟରରୁ ବାହାର କରି ଖାଦ୍ୟକୁ ଘଣ୍ଟାଏ ଦୁଇଘଣ୍ଟା ବାହାରେ ରଖିଦେଲେ ବି ସେଥରୁ ଜୀବାଣୁ ଓ କବକ ବୃଦ୍ଧିଲାଭ କରିବାର ସୁଯୋଗ ପାଇଯାଆନ୍ତି। ସେପରି ଖାଦ୍ୟ ଖାଇଲେ ଝାଡ଼ାବାନ୍ତି ରୋଗ ହୋଇପାରେ।

ପୁନଶ୍ଚ ଝାଳନଳୀଗୁଡ଼ିକର ରନ୍ଧ୍ର ବନ୍ଦ ହୋଇଯିବାରୁ ଦେହରୁ ଝାଳ ବାହାରି ନ ପାରି ଘିମିରି ବାହାରିପଡ଼େ। ତାକୁ କୁଣ୍ଡାଇଲେ ନଖସନ୍ଧିର ଜୀବାଣୁ ଚର୍ମରେ ଘାଆ କରିପକାଏ। ଏତଦ୍‌ବ୍ୟତୀତ ଏହି ଋତୁରେ ପିଲାଙ୍କଠାରେ ବାହାରିଥାଏ ବଥ। ଦେହରେ ପାଉଡର ଛିଞ୍ଚିଲେ ଝାଳନଳୀଗୁଡିକର ମୁହଁ ବନ୍ଦ ହୋଇଯାଏ ଓ ଆହୁରି ବଢ଼ାଇଦିଏ ସମସ୍ୟା। ତେଣୁ ଖରାଦିନେ ଦେହରେ ପାଉଡର ଛିଞ୍ଚିବା ନିରାପଦ ନୁହେଁ।

ତାହାଛଡ଼ା ରାସ୍ତାକଡ଼ରେ ବିକ୍ରି ହେଉଥିବା ଫଳରସ, ଲସି, ସରବତ କି କଟା ହୋଇ ବିକା ହେଉଥିବା ତରଭୁଜ ଓ କାକୁଡି ଖାଇବା ମନା। ଶସ୍ତା ଆଇସ୍‌କ୍ରିମ୍ ଓ କୁଲଫି ଖାଇଲେ ମଧ୍ୟ ସଂକ୍ରମଣର ପ୍ରସାର ସହଜ ହୋଇଯାଏ।।

ତେଣୁ ଖରାଦିନେ ପିଲାମାନେ ସୁରକ୍ଷିତ ରହିବା ଲାଗି ବାହାରର ଖାଦ୍ୟ ଓ ଜଳ ଗ୍ରହଣ ନ କରିବା ଦିଗରେ ଯତ୍ନଶୀଳ ହେବା ଆବଶ୍ୟକ।

– 'ଅଭୀପସା', ସେକ୍ଟର-୯,
ପ୍ଲଟ୍ ନଂ- ୧୧୩୧, ଅଭିନବ ବିଡ଼ାନାସୀ, କଟକ,
ମୋ:୯୪୩୭୭୬୬୧୧୭





## କ'ଣ କୁହନ୍ତି ଏମାନେ...



ଏବେ ସକାଳୁଆ ସ୍କୁଲ ହେଉଛି। ଫେରିବା ସମୟରେ ବହୁତ ଖରା ହେଉଛି। ସେଥିପାଇଁ ଛତା ନେଇ ସ୍କୁଲକୁ ଯାଉଛି। ଖରାରେ ଟିକେ ଚଲାବୁଲା କରିଦେଲେ ହାଲିଆ ଲାଗୁଛି, ସେଥିପାଇଁ ପ୍ରଚୁର ପାଣି ପିଉଛି। ମାଆ ଯାହା ବି ଟିଫିନ୍‌ରେ ଦେଉଛନ୍ତି ତାହାକୁ ହିଁ ଖାଉଛି। ବାହାର ତେଲଛଣା ଜିନିଷ ଆଦୌ ଖାଉ ନାହିଁ।

–ରୁଦ୍ର ପ୍ରତାପ ସ୍ୱାଇଁ
କ୍ଲାସ୍-୧୦, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର,
ଏରକଣା, ଜଗତ୍‌ସିଂହପୁର




ଏବେଠୁ ପ୍ରବଳ ଗରମ ଅନୁଭୂତ ହେଲାଣି। ସାଇକେଲରେ ସ୍କୁଲ ଏବଂ ଟ୍ୟୁଶନ ଯିବା ଆସିବା କଲାବେଳେ ମୋତେ ବହୁତ ଥକ୍କା ଲାଗୁଛି। ଘରକୁ ଆସି ସାଙ୍ଗେସାଙ୍ଗେ ଥଣ୍ଡା ପାଣି ଫ୍ରିଜ୍‌ରୁ କାଢ଼ି ପିଇଦିଏ। ସେଥିପାଇଁ ଥରେ ମୋର ଦେହ ଖରାପ ହୋଇଥିଲା। ଏବେ ଫ୍ରିଜ୍ ପାଣି ପିଉନାହିଁ। ବାହାରକୁ ବାହାରିବା ସମୟରେ କ୍ୟାପ୍ ଲଗେଇବା ସହ ପାଣି ବୋତଲ ନେଇ ଯାଉଛି।

–ପ୍ରିୟଦର୍ଶିନୀ ନାୟକ,
କ୍ଲାସ-୧୦, ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟ,
ବାଲିପାଟଣା, ଖୋର୍ଦ୍ଧା




୧



୨



୩



୪






୫



୬



୭



୮

୯




୧୦



**ଦୀପଶିଖା ଦାଶ**
କ୍ଲାସ- ୧, ପ୍ରଭୁଜୀ ଇଂଲିଶ୍ ମିଡିୟମ୍ ସ୍କୁଲ, ଭିଏସ୍ଏସ୍ ନଗର, ଭୁବନେଶ୍ୱର

୧

**ସଚିନ୍ ସେଠୀ**
କ୍ଲାସ- ୮, କେନ୍ଦ୍ରୀୟ ବିଦ୍ୟାଳୟ, ରାୟଗଡ଼ା



୨



**ନିବେଦିତା ଗଉଡ**
କ୍ଲାସ- ୯, ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାପୀଠ, ଭୀମକେଲା, କଳାହାଣ୍ଡି

୩

**ଶ୍ରୀୟାଶ୍ରୀ ମିଶ୍ର**
କ୍ଲାସ-୩, ବାଙ୍ଗୁରୁବା ବିଦ୍ୟାଳୟ, ଚନ୍ଦନପୁର, ପୁରୀ



୪



**ପ୍ରତିମା ଗଉଡ**
କ୍ଲାସ-୪, ସରସ୍ୱତୀ ଶିଶୁ ମନ୍ଦିର, ରୁପ୍ରାରୋଡ, କଳାହାଣ୍ଡି

୫

**ଓମ୍‌ପ୍ରକାଶ ବାରିକ**
କ୍ଲାସ- ୭, ବସନ୍ତପୁର ଇଲିଂଶ ମିଡିୟମ୍ ସ୍କୁଲ, ମୁର୍ଶିଦାବାଦ, ପଶ୍ଚିମବଙ୍ଗ



୬



**ଦିବ୍ୟାଂଶ ଶତପଥୀ**
କ୍ଲାସ-୧, ଡିଏଭି ପବ୍ଲିକ ସ୍କୁଲ, ଇଫ୍‌କୋ, ପାରାଦ୍ୱୀପ

୭

**ଅନମୋଲ ଅନିକେତ**
କ୍ଲାସ-୩, ଦିଲ୍ଲୀ ପବ୍ଲିକ ସ୍କୁଲ, ଭାଇଜାଗ ଷ୍ଟିଲ୍, ବିଶାଖାପାଟଣା, ଆନ୍ଧ୍ରପ୍ରଦେଶ



୮



**ଗାୟତ୍ରୀ ସାହୁ**
କ୍ଲାସ-୪, ଶ୍ରୀ ଜୟଦେବ ଇଣ୍ଟର ନ୍ୟାଶନାଲ ସ୍କୁଲ, ଭୁବନେଶ୍ୱର

୯

**ଦିବ୍ୟାଶ୍ରୀ ଦେବାର୍ଚ୍ଚନା**
କ୍ଲାସ-୮, ସେଣ୍ଟ ଜାଭିଅର୍ସ ହାଇସ୍କୁଲ, ଖଣ୍ଡଗିରି



୧୦



## ପ୍ରକୃତିର ଅଙ୍ଗ ଆମେ ବିହଙ୍ଗ

ନୀଳ ଆକାଶର ନୀଳିମା ଭିତରେ
ଆମେ ପରା ହଜିଯାଉ,
ପତ୍ର ଗହଳରେ ସାଙ୍ଗ ସାଥୀ ମେଳେ
ମନ ଖୋଲା ଗୀତ ଗାଉ ।
ନାହିଁ ଆମ ପାଖେ ବାଛ ବିଚାର
ନାହିଁ ପୁଣି କଳିଗୋଳ,
ସୁଖରେ ଶାନ୍ତିରେ ଦିନ ବିତିଯାଏ
ସାହା ଜଗତ ଠାକୁର ।
ହେଲେ ହେଉ ପଛେ ଅଳପ ଆୟୁଷ
କଣ୍ଠରୁ ଝରେ ପୀୟୂଷ,
କିଚିରି ମିଚିରି ଶବଦ ଭିତରେ
କମ୍ପିଯାଏ ଚଉ ପାଶ ।
ପ୍ରକୃତି କୋଳରେ ଲଭିଛୁ ଜନମ
ତା'କୋଳରେ ହେଉ ଲୀନ,
ସେନେହ ମମତା ବନ୍ଧନ ଭିତରେ
କଟିଯାଏ ଆମ ଦିନ ।
-ସତ୍ୟନାରାୟଣ ପ୍ରସାଦ ନାୟକ
ରଥ ରୋଡ଼, ଭୁବନେଶ୍ୱର -୨

## ଫୁଲ

ରଙ୍ଗ ଦେଲ, ବାସ ଦେଲ, ମଧୁ ଦେଲ ଫୁଲକୁ
କୋମଳତା ଭରି ଦେଲ ଘେରି ଦେଇ କଣ୍ଟାକୁ ।
ପ୍ରଜାପତି, ମଧୁ ମକ୍ଷୀ ଚୁମୁଥାଏ ଭଅଁର
ପଦାଘାତ ଶୁଣ୍ଢାଘାତ ସହୁ ଥାଏ ତାଙ୍କର ।
ପବନରେ ଖେଳିଲେ ବି ଥାଏ ତାକୁ ବିପଦ
କଣ୍ଟାରେ ସେ ବେଳେ ବେଳେ ପାଉଥାଏ ଆଘାତ ।
ସୁନ୍ଦର ସର୍ଜନା ଯଦି ଦେଲ ତୁମେ ଗଢ଼ିଲ
ଆୟୁଷ ତ ଦେଲ ନାହିଁ ଏକି ତୁମ ବଢ଼େଇ ।
କି କରମ କରିଥିଲା ସତେ ସେହି ଫୁଲଟି
ଯେଉଁ ଆଡ଼େ ଯାଏ ସେହି ଆଦର ତା' ସବୁଟି ।
ସେହି ଭାଗ୍ୟ ମିଳିବ କି ପ୍ରଭୁ ମୋତେ ଟିକିଏ
ସ୍ନେହ ପ୍ରେମ ବାଣ୍ଟି ଦେବି ଥିବି ସବୁ ହୃଦୟେ ।
ମୁଣ୍ଡ ପାତି ସହି ନେବି ଦେବ ଯେତେ କଷଣ
ଛାଡ଼ିବିନି କେବେ ହେଲେ ସେବୁଥିବି ଚରଣ ।
-ପ୍ରଶାନ୍ତ କୁମାର ସାହୁ
ଇନ୍ଦିପୁର, ଢେଙ୍କାନାଳ

କ
ବି
ତା

## ଏକ ଏକ ଦୁଇ

ଏକ ଏକ ଦୁଇ
ମିଛ କହିବା ନାହିଁ,
ଦୁଇ ଦୁଇ ଚାରି
ମିତ ହେବା ସବୁରି ।
ତିନି ତିନି ଛଅ
ଭଲ ପିଲା ହୁଅ,
ଚାରି ଚାରି ଆଠ
ପଢ଼ିବା ଆମେ ପାଠ ।
ପାଞ୍ଚ ପାଞ୍ଚ ଦଶ
ରଖିବା ଦେଶର ଯଶ,
ଛଅ ଛଅ ବାର
କହିବା କଥା ମଧୁର ।



ସାତ ସାତ ଚଉଦ
କରିବାନି ହିଂସାବାଦ,
ଆଠ ଆଠ ଷୋହଳ
ସକାଳୁ ଉଠିବା ସହଳ ।
-ଅନୁଲିପ୍ସା ମିଶ୍ର
ମହିଳୋ, ଜଗତ୍‌ସିଂହପୁର

## ଗିନିଜ୍ ୱାର୍ଲ୍ଡ ରେକର୍ଡ

## ଏକ ମିନିଟ୍‌ରେ ୧୦୦୦ ଥରରୁ ଅଧିକ ତାଳି

ପିଲାମାନେ, ଏକ୍ସରସାଇଜ୍ ହେଉ କି ମଜାରେ ତୁମମାନଙ୍କୁ ତାଳି ମାରିବାକୁ ଭଲଲାଗେନା । ହେଲେ ତୁମେମାନେ ଜାଣିଛ କି ଫ୍ଲୋରିଡା(ଆମେରିକା)ର ନଅ ବର୍ଷର ସୋଭେନ୍ ଓ୍ୱେଦ୍ ଏକ ମିନିଟ୍‌ରେ ୧୦୦୦ରୁ ଅଧିକ ଥର ତାଳି ମାରି ଗିନିଜ୍ ରେକର୍ଡ କରିଛନ୍ତି । ସେ ଥରେ ଗିନିଜ୍ ରେକର୍ଡ ଲିଷ୍ଟରେ ତାଳି ମାରି ରେକର୍ଡ କରିଥିବା ଏଲି ବିସ୍‌ହୋପଙ୍କୁ ଦେଖିଥିଲେ । ସେଥିରୁ ସେ ଅନୁପ୍ରାଣିତ ହୋଇ ତାଙ୍କ ରେକର୍ଡ କାଟିବାକୁ ନିଜେ ଚେଷ୍ଟା ଆରମ୍ଭ କଲେ । ସୋଭେନ୍ ଛୋଟବେଳୁ ଡ୍ରମ୍ ବଜେଇବାକୁ ଭଲ ପାଉଥିଲେ । ଏହି ଡ୍ରମ୍ ବଜେଇବାର କୌଶଳ ହିଁ ତାଙ୍କୁ ଏକାଧିକ ଥର ତାଳି ବଜେଇବା ପାଇଁ ସାହାଯ୍ୟ କରିଥିଲା । ତାଙ୍କ ବାପା ଟିକାକୋ ଓ୍ୱେଦ୍ କୁହନ୍ତି ସୋଭେନ୍ ଦିନକୁ ତିନିଥର ଏଥିପାଇଁ ଅଭ୍ୟାସ କରେ । ବେଳେବେଳେ ତା ହାତ ଘଷି ହୋଇ ରକ୍ତ ବାହାରେ । କିନ୍ତୁ ସୋଭେନ୍ ଏହାକୁ ଖାତିରି ନ କରି ନିୟମିତ ଅଭ୍ୟାସ ଜାରି ରଖେ ।




## ଏଥରର




- ଆଖିରେ କଳାପଟି ଏବଂ ହାତରେ ନିକିତି ଧରିଥିବା ନାରୀ କେଉଁଟିର ପ୍ରତୀକ ?
- ବାହୁରେ କଳା ପଟିର ପ୍ରତୀକ ?
- ଅର୍ଦ୍ଧନମିତ ପତାକା କେଉଁଟିର ପ୍ରତୀକ ?
- ପଦ୍ମଫୁଲର ପ୍ରତୀକ ?
- ଓଲଟା ପତାକାର ପ୍ରତୀକ କ'ଣ ?

ଉ ତ୍ତ ର

## ଗତଥରର

- ପଣା ସଂକ୍ରାନ୍ତି
- ହନୁମାନ
- ଝାମୁ ଯାତ୍ରା
- ଦଣ୍ଡନାଚ
- ଦାଣ୍ଡୁଆ



## କହିଲ ଦେଖି?

(୧) ଚିନି ଲେମ୍ବୁ ରସ ଜଳ ମିଶାଇ
ଘାଣ୍ଟି ଦେଲେ ତାକୁ ଦହି ପକାଇ
ଅତିଥି ଆସିଲେ ସମର୍ପି ଦେଇ
ପିଇବାକୁ ହସ୍ତେ ଦିଅନ୍ତି ନେଇ
ପାଚିକୁ ସ୍ୱାଦିଷ୍ଟ ପେଟକୁ ଭଲ
ଚାରୋଟି ଅକ୍ଷରେ ତା ନାମ ଦେଲ ।



ଉତ୍ତର- **ସରବତ**

(୨) ଥାଏ ଏ ଦରବ ସଭିଙ୍କ ଘର
ଖରା ବରଷାକୁ ହାତରେ ଧର
ଖୋଲି ଦେଲେ ଦିଏ ଖରାକୁ ଛାଇ
ସାଥେ ଥିଲେ ଦେବ ପ୍ରାଣ ବଞ୍ଚାଇ
ଅଜା ଯାଉଥିଲେ ଖରାବେଳରେ
ଜାକି ଧର ଆଈ କହେ କାଖରେ
ଯିଏ ନିଏ ସିଏ ପାଏ ତା ସୁଖ
କହିଲେ ତା ନାମ ଘୁଞ୍ଚିବ ଦୁଃଖ ।



ଉତ୍ତର- **ଛତା**

(୩) ମାଟିରେ ମୋ ଦେହ କୁମ୍ଭାର ଗଢ଼େ
ଜନତା ଆଦର ଗ୍ରୀଷ୍ମରେ ବଢ଼େ
ଥଣ୍ଡା ପାଇଁ ନର ଜଳକୁ ଭରେ
କାଢ଼ି ପିଇଦେଲେ ତୃଷ୍ଣାଟି ମରେ
ନାରୀଙ୍କ କାଖରେ ମୁଁ ଶୋଭାପାଏ
ମୋ ନାମଟି କୁହ ଜାଣିଛ କିଏ ?



ଉତ୍ତର- **ମାଠିଆ**

-ଦୀନବନ୍ଧୁ ପୋଇ
ଗୋରଡ଼ା ପାଳ, କରମୂଳ, ଯୋରନ୍ଦା, ଢେଙ୍କାନାଳ
ମୋ: ୯୯୩୮୦୨୪୧୨



## ପବିତ୍ର ନଦୀ ଗଙ୍ଗା

ହିନ୍ଦୁ ଶାସ୍ତ୍ର ଅନୁସାରେ ଗଙ୍ଗା ହେଉଛି ପବିତ୍ର ନଦୀ । ଏହା ଭାରତର ସବୁଠାରୁ ବଡ଼ ନଦୀ ଭାବେ ପରିଚିତ, ଯାହାର ଲମ୍ବ ରହିଛି ୨,୫୨୫ କିଲୋମିଟର । ଏହାର ସୀମା ଉତ୍ତରାଖଣ୍ଡର ଗଙ୍ଗୋତ୍ରିରୁ ବାଂଲାଦେଶ ପର୍ଯ୍ୟନ୍ତ ପରିବ୍ୟାପ୍ତ । ଯମୁନା, ସନ୍, ଗୋମତି, ଘାଗରା, ଗଣ୍ଡକ, କୋଷି ଆଦି ଉପନଦୀ ଏଥିରୁ ବାହାରିଛି ।

# ଜଣା ଅଜଣା



## ମରୁଭୂମିର ଜାହାଜ

ଓଟକୁ 'ମରୁଭୂମିର ଜାହାଜ' କୁହାଯାଏ । ଏମାନେ ସପ୍ତାହ ସପ୍ତାହ ଧରି ପାଣି ନ ପିଇ ବଞ୍ଚିପାରନ୍ତି । ଶୀତ ଦିନେ ୬-୭ ମାସ ଧରି ମଧ୍ୟ ପାଣି ପିଇ ନ ଥାନ୍ତି । ଆଉ ଯେତେବେଳେ ପିଇଥାନ୍ତି ଏକା ଥରକେ ୨୦୦ ଲିଟର ପର୍ଯ୍ୟନ୍ତ ପାଣି ପିଇଥାନ୍ତି । ଏମାନେ ଦେଉଥିବା କ୍ଷୀର ସବୁଠାରୁ ସ୍ୱାସ୍ଥ୍ୟୋପକାରୀ ସାବ୍ୟସ୍ତ ହୋଇଥାଏ ।

## ବନ୍ଦେ ଉତ୍କଳ ଜନନୀ


୨୦୨୦ ମସିହାରେ 'ବନ୍ଦେ ଉତ୍କଳ ଜନନୀ'କୁ ଓଡ଼ିଶାର ରାଜ୍ୟ ସଙ୍ଗୀତ ରୂପେ ମାନ୍ୟତା ମିଳିଲା । ୧୯୧୨ ରେ ଓଡ଼ିଶାର ପ୍ରଖ୍ୟାତ କବି ଲକ୍ଷ୍ମୀକାନ୍ତ ମହାପାତ୍ର ଏହାକୁ ରଚନା କରିଥିଲେ । ଏହି ସଙ୍ଗୀତକୁ ପ୍ରଥମେ ସେହି ବର୍ଷ ବାଲେଶ୍ୱରଠାରେ ହେଉଥିବା ଉତ୍କଳ ସମ୍ମିଳନୀରେ ଗାନ କରାଯାଇଥିଲା ।






## ଶୀଘ୍ର ଖାଦ୍ୟ ହଜମ କରିପାରେ ଜିରାଫ

କେବଳ ମନୁଷ୍ୟ ନୁହନ୍ତି, ପ୍ରାଣୀମାନେ ମଧ୍ୟ ଖାଦ୍ୟ ଖାଆନ୍ତି । ମଣିଷର ଗୋଟିଏ ପାକସ୍ଥଳୀ ଅଛି, ଯାହା ଖାଦ୍ୟ ହଜମ କରିବାରେ ତାକୁ ସାହାଯ୍ୟ କରିଥାଏ । ହେଲେ ଆପଣ ଜାଣନ୍ତି କି, ଜିରାଫର କେତୋଟି ପାକସ୍ଥଳୀ ରହିଛି ? ଏହି ବୃହତ୍ ଜୀବର ୪ଟି ପାକସ୍ଥଳୀ ଅଛି, ଯେଉଁଥିପାଇଁ ସେ ଖାଇଥିବା ଖାଦ୍ୟକୁ ସହଜରେ ଏବଂ ଶୀଘ୍ର ହଜମ କରିପାରେ । ସାଧାରଣତଃ ଏମାନେ ତୃଣଜାତୀୟ ଖାଦ୍ୟ ଖାଇଥାନ୍ତି ।



## କ୍ରାଉନ୍ ଅଫ୍ ପ୍ୟାଲେସ୍

'ସେଭେନ୍ ୱଣ୍ଡର୍ସ' ବା 'ସପ୍ତାଶ୍ଚର୍ଯ୍ୟ' ମଧ୍ୟରେ ଭାରତରୁ ସ୍ଥାନ ପାଇଛି ତାଜମହଲ । ଏହା ଉତ୍ତରପ୍ରଦେଶ, ଆଗ୍ରାରେ ଥିବା ଯମୁନା ନଦୀ କୂଳରେ ଅବସ୍ଥିତ । ଧଳା ମାର୍ବଲ୍ସରେ ନିର୍ମିତ ଏହି ସ୍ମୃତିକୁ ମୋଗଲ ସମ୍ରାଟ ଶାହାଜାହାନ ତାଙ୍କ ତୃତୀୟ ପତ୍ନୀ ମମ୍‌ତାଜଙ୍କ ଉଦ୍ଦେଶ୍ୟରେ ନିର୍ମାଣ କରିଥିଲେ । ଆରବିକ୍ ଭାଷାରେ ଏହାକୁ 'କ୍ରାଉନ୍ ଅଫ୍ ପ୍ୟାଲେସ୍' ମଧ୍ୟ କୁହାଯାଏ ।

# ଆଇନା



ଅର୍ଚ୍ଚିତା ଦାସ
୧୦ ବର୍ଷ / ବାରିପଦା



ଗାୟତ୍ରୀ ଚୌଧୁରୀ
୯ ବର୍ଷ / କେନ୍ଦ୍ରାପଡ଼ା



ଓମ୍ ଶୁଭମ୍ ରାଉତରାୟ
୬ ବର୍ଷ / ଭୁବନେଶ୍ୱର